# ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବାଲେଶ୍ୱର

ପତ୍ର ସଂଖ୍ୟା: ୬୯୬୩ /ତା: ୨୮.୧୨.୨୦୨୩ରିଖ

## <u>ନୋଟିସ୍</u>

ଏତଦ୍ୱାରା ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ୨୦୨୪ ମସିହା ଜାନୁଆରୀ ୦୧ ତାରିଖରୁ ୦୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ "ସ୍ଲୋଗାନ୍ ପ୍ରତିଯୋଗିତା" ଅନୁଷ୍ଠିତ ହେଉଛି । ଉକ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ରାଜ୍ୟ ସରକାରଙ୍କର ସ୍ଲୋଗାନ୍ ହେଉଛି "ସଡ଼କ ସୁରକ୍ଷା, ପରିବାର ରକ୍ଷା" । ଏହି ପରିପ୍ରେକ୍ଷୀରେ ଆପଣମାନଙ୍କ ଠାରୁ ଉପଯୁକ୍ତ ସ୍ଲୋଗାନ୍ ଆହ୍ୱାନ କରାଯାଉଛି । ତଦନୁଯାୟୀ ୨୦୨୩ ମସିହା ଡିସେମ୍ବର ୩୦ ତାରିଖ ସକାଳ ୧୦ ଘଟିକାରୁ ୨୦୨୪ ମସିହା ଜାନୁଆରୀ ୩ ତାରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ (ସରକାରୀ କାର୍ଯ୍ୟ ଦିବସ ମାନଙ୍କରେ) ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ କଚେରୀ ହତାରେ ଅବସ୍ଥିତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ବାକ୍ସରେ ପକାଇ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ । ସ୍ଲୋଗାନ୍ ଓଡ଼ିଆ ତଥା ଇଂରାଜୀ ଭାଷାରେ ଲେଖା ଯାଇ ପାରିବ ତଥା ଏହା ୧୦ଟି ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । ସୂଚନା ଯୋଗ୍ୟ ଯେ, ଶ୍ରେଷ୍ଠ ବିବେଚିତ ୩ ଗୋଟି ସ୍ଲୋଗାନକୁ ଜିଲ୍ଲା ପ୍ରଶାସନ ତରଫରୁ ପୁରସ୍କୃତ କରାଯିବ । ପୁରସ୍କାର ବାବଦକୁ ପ୍ରଥମ ୨,୦୦୦/- ଟଙ୍କା, ଦ୍ୱିତୀୟ ୧,୫୦୦/- ଟଙ୍କା ଓ ତୃତୀୟ ୧,୦୦୦/- ଟଙ୍କାର ଅର୍ଥରାଶି ସହିତ ପ୍ରତ୍ୟେକଙ୍କୁ ୧ଟି ଲେଖାଏଁ ହେଲମେଟ୍ ପ୍ରଦାନ କରାଯିବ । ଅଧିକନ୍ତୁ, ଜିଲ୍ଲାର ଶ୍ରେଷ୍ଠ ୩ଟି ସ୍ଲୋଗାନ୍ ରାଜ୍ୟସ୍ତରୀୟ ସ୍ଲୋଗାନ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ପଠାଯିବ, ଯାହାକି ପୁରସ୍କାର ଯୋଗ୍ୟ ବିବେଚିତ ହେଲେ ରାଜ୍ୟସ୍ତରରେ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ଆପଣମାନେ ସ୍ଲୋଗାନ୍ ସହ ନିଜର ନାମ, ଠିକଣା ଓ ମୋବାଇଲ ନମ୍ବର ଲେଖି ଏହି ବାକ୍ସରେ ପକାଇବାକୁ ଅନୁରୋଧ ।

ଆଞ୍ଚଳିକ ପରିବହନ ଅଧିକାରୀ
ବାଲେଶ୍ୱର